ଓଡ଼ିଆ ଚଳଚ୍ଚିତ୍ରର ଭବିଷ୍ୟତ

ଦିଲୀପ ହାଲି

୭୧ ବର୍ଷର ଓଡ଼ିଆ ଚଳଚ୍ଚିତ୍ର ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ, ଜାତୀୟ, ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମାନଚିତ୍ରରେ ଓଡ଼ିଆ ଚିତ୍ର ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି ମାତ୍ର । ପ୍ରଥମରୁ 'ମାୟାମିରିଗ' ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଚଳଚ୍ଚିତ୍ରକୁ ଶିଳ୍ପର ମର୍ଯ୍ୟାଦା ଦିଆଯାଇଛି । ଓଡ଼ିଆ ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ପ୍ରମୋଦକର ମୁକ୍ତ କରିଥିବା ବର୍ତ୍ତମାନ ସରକାରଙ୍କ ସମୟରେ ଏକ ଐତିହାସିକ ପଦକ୍ଷେପ ।

ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଆମେଲୀ

୧୯୩୬ରେ 'ସୀତା ବିବାହ'ରୁ ୨୦୦୭ 'ତୁମକୁ ପାରୁନି ତ ଭୁଲି' ପର୍ଯ୍ୟନ୍ତ ସମୁଦାୟ ଚିତ୍ର ୪୦୩ଟି । ଦର୍ଶକ ରୁଚି ପରିବର୍ତ୍ତନଶୀଳ । ନୂଆ କଥା, ନୂଆ ଚିନ୍ତାଧାରାକୁ ଗ୍ରହଣ କରିବାରେ ସେମାନେ ସବୁବେଳେ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ଭଲ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ । ୭୧ ବର୍ଷର ଚଳଚ୍ଚିତ୍ର ଜଗତରେ ବିଶ୍ୱାସଯୋଗ୍ୟ ବିତରଣ ସଂସ୍ଥା ନଥିବା ହେତୁ ଚଳଚ୍ଚିତ୍ର ନିର୍ମାତାମାନେ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ଦୂରେଇ ରଖୁଛନ୍ତି । ଫଳରେ ବର୍ଷକୁ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ କ୍ଷତି ସହୁଛି । ଦର୍ଶକମାନଙ୍କୁ ସାନ୍ତ୍ୱନାମୂଳକ ଆଶ୍ୱାସନା ଦେଇ ଓଡ଼ିଆ ଚିତ୍ର କେବଳ ବୟସ ବଢ଼େଇ ଚାଲିଛି । ଚିତ୍ର ଦୁନିଆରେ ବିଭିନ୍ନ ଦିଗ ସମ୍ପର୍କରେ ଏଠାରେ କେତେକ କଥା ଉଲ୍ଲେଖ କରାଗଲା ।

ଜାତୀୟ ଆନ୍ତର୍ଜାତୀୟ ଚଳଚ୍ଚିତ୍ରରେ ଓଡ଼ିଆ ଚିତ୍ର ଶ୍ରୀ ମୃଣାଳ ସେନଙ୍କ ନିର୍ଦ୍ଦେଶିତ - 'ମାଟିର ମଣିଷ' ଓ ଶ୍ରୀ ସଂପଦ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ମାୟା ମିରିଗ' ୭୧ ବର୍ଷର ଚଳଚ୍ଚିତ୍ର ଜଗତର ଶ୍ରେଷ୍ଠ ସୃଷ୍ଟି । କିନ୍ତୁ ନିକଟ ଭବିଷ୍ୟତରେ ଏଭଳି ମାନର ଆଉ କେତୋଟି ଚଳଚ୍ଚିତ୍ର ତିଆରି ନହେଲେ ଏ ଉଦ୍ୟମ ଫଳପ୍ରଦ ହେବ ନାହିଁ । ଓଡ଼ିଆ ଚଳଚ୍ଚିତ୍ର ବୟସ ଅନୁସାରେ ଯାହା ପରିପକ୍ୱତା ଲାଭ କରିଛି, ତାହାକୁ ତର୍ଜମା କଲେ ମର୍ମନ୍ତୁଦ କାହାଣୀଟିଏ ହେବ । କେବଳ ଆଶ୍ୱସ୍ତିମୂଳକ ବିଚାର କରି ଦେଖିଲେ ଆମେ କେବଳ ଅନ୍ୟାନ୍ୟ ଭାଷାଭାଷୀ ଚିତ୍ରର ଅନୁବାଦ ଓ ଡବିଂ ଚିତ୍ର ଦେଖୁଛୁଁ । ଫଳରେ ନିଜସ୍ୱ କୌଣସି ଓଡ଼ିଆ ଚଳଚ୍ଚିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରିହେବ ନାହିଁ । ଜାତୀୟ ଚଳଚ୍ଚିତ୍ର ପ୍ରତିଯୋଗିତାରେ ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ 'ଶୀତରାତି', 'ନୀରବ ଝଡ଼', 'କ୍ଳାନ୍ତ ଅପରାହ୍ନ', 'ମଝି ପାହାଚ', 'ନିଷିଦ୍ଧ ସ୍ୱପ୍ନ', 'କିଛି ସ୍ମୃତି କିଛି ଅନୁଭୂତି', 'ଅନ୍ଧ ଦିଗନ୍ତ', 'ଭିନ୍ନ ସମୟ', 'ମୁହୂର୍ତ୍ତ' ଆଦି ଚିତ୍ରଗୁଡ଼ିକର ସମ୍ମାନ ଲାଭ ଓଡ଼ିଶା ପାଇଁ ସୌଭାଗ୍ୟର ବିଷୟ । ହିନ୍ଦୀ ତଥା ଓଡ଼ିଆ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ଡଲି ଜେନାଙ୍କ 'ତାରା' (୧୯୯୨) ଜାତୀୟ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ଆଞ୍ଚଳିକ ଚିତ୍ରଭାବେ ପୁରସ୍କାର ଲାଭ କରିଥିଲା । ବିଶିଷ୍ଟ କ୍ୟାମେରାମ୍ୟାନ୍ ନିର୍ଦ୍ଦେଶକ ଅପୂର୍ବ ବୀର ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଆର୍ଥିକ ସହାୟତାରେ ପ୍ରଥମ ଓଡ଼ିଆ ଚିତ୍ର 'ଆଦି ମୀମାଂସା' (୧୯୯୨) କରି ଜାତୀୟ ସ୍ତରରେ ଶ୍ରେଷ୍ଠ ଜାତୀୟ ସଂହତି ପୁରସ୍କାର ପାଇଥିଲେ । ବୀରଙ୍କ ପରବର୍ତ୍ତୀ ଚିତ୍ର 'ଆରଣ୍ୟକ' ମଧ୍ୟ ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଜାତୀୟ, ଆନ୍ତର୍ଜାତୀୟ ଚିତ୍ର ଦୁନିଆଁରେ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କ ଚିତ୍ର 'କନକଲତା' (ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରଚିତ ଉପନ୍ୟାସ) ପୁରସ୍କାର ଲାଭ କରିଥିଲା । ଶ୍ରୀ ମହାପାତ୍ର ମଧ୍ୟ ପ୍ରାମାଣିକ ଚିତ୍ର କରି ଜାତୀୟ ସ୍ତରରେ ନିଜର ସୁଖ୍ୟାତି ବଜାୟ ରଖିଛନ୍ତି । ୧୯୯୮ର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ନିର୍ଦ୍ଦେଶକ ଅପୂର୍ବ କିଶୋର ବୀରଙ୍କ 'ଶେଷ ଦୃଷ୍ଟି' ଓଡ଼ିଆ ଚିତ୍ର ଭାରତୀୟ ପାନୋରମାରେ ପ୍ରଦର୍ଶିତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ଶିଶୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କରି ଯୁବ ନିର୍ଦ୍ଦେଶକ ସୁବାଷ ଦାସଙ୍କ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ଅ ଆକାରେ ଆ' ଜାତୀୟ ପୁରସ୍କାର ଲାଭ ବିଶେଷ

ଉଲ୍ଲେଖଯୋଗ୍ୟ । ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶନାରେ ସାହିତ୍ୟିକ ମନୋଜ ଦାସଙ୍କ ଗଳ୍ପ ଭିତ୍ତିରେ ଓଡ଼ିଆ ଚଳଚ୍ଚିତ୍ର 'ଲକ୍ଷ୍ମୀର ଅଭିସାର' - ୨୦୦୧ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ପୁରସ୍କାରରେ ୮ଟି ବିଭାଗରେ ପୁରସ୍କୃତ ହେବା ଆଉ ଏକ ଉଲ୍ଲେଖନୀୟ ଘଟଣା । ହିମାଂଶୁ ଖଟୁଆ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଶୂନ୍ୟ ସ୍ୱରୂପ' (୧୯୯୬) ଜାତୀୟ ପୁରସ୍କାର ଲାଭ କରିବା ପରେ ୨୦୦୭ ବର୍ଷର ଓଡ଼ିଆ ଚଳଚ୍ଚିତ୍ର 'କଥାନ୍ତର' ଜାତୀୟ ପୁରସ୍କାର ପାଇବା ଓଡ଼ିଆ ଚିତ୍ର ସମାଜ ପାଇଁ ବିଶେଷ ପ୍ରଶଂସନୀୟ ।

ଓଡ଼ିଆ ଚଳଚ୍ଚିତ୍ର ପାଇଁ ନିର୍ଦ୍ଦେଶକ ବିପ୍ଳବ ରାୟ ଚୌଧୁରୀଙ୍କ ଦାନ ଅତୁଳନୀୟ । ସେ ଓଡ଼ିଆ ପ୍ରଯୋଜକ ସୀତାକାନ୍ତ ମିଶ୍ରଙ୍କ ପ୍ରଯୋଜିତ ପ୍ରଥମ ହିନ୍ଦୀଚିତ୍ର 'ଶୋଧ' ଓ ଏମ୍.ଏମ୍. ପ୍ରଡ଼କ୍ସନ୍‌ର 'ସ୍ପନ୍ଦନ' ନିର୍ମାଣ କରି ଜାତୀୟ ପୁରସ୍କାର ଲାଭ କରିଥିଲେ । ତା'ପରେ ତାଙ୍କଦ୍ୱାରା ଓଡ଼ିଆ ଚିତ୍ର 'ଚିଲିକା ତୀରେ' (୧୯୭୮) ଶ୍ରେଷ୍ଠ ଆଞ୍ଚଳିକ ଚିତ୍ର ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା । ଦୀର୍ଘ ଦିନ ପରେ ବିପ୍ଳବ ରାୟ ଚୌଧୁରୀ ଚଳଚ୍ଚିତ୍ର ଉନ୍ନୟନ ନିଗମର ଆର୍ଥିକ ସହାୟତାରେ ଓଡ଼ିଆ ଚିତ୍ର 'ଅରଣ୍ୟ ରୋଦନ' ନିର୍ମାଣ କରି ଜାତୀୟସ୍ତରରେ ସମ୍ମାନିତ ହୋଇଥିଲେ । 'ଅରଣ୍ୟରୋଦନ' ଚିତ୍ର ପରେ ଜାତୀୟ ଚଳଚ୍ଚିତ୍ର ନିଗମର ଆର୍ଥିକ ସହାୟତାକ୍ରମେ ଓଡ଼ିଆ ଚିତ୍ର 'ନିର୍ବାଚନ' ନିର୍ମାଣ କରି ଶ୍ରେଷ୍ଠ ପରିବେଶ ଚିତ୍ର ଭାବେ ଜାତୀୟ ସ୍ତରରେ ସମ୍ମାନିତ କରାଇପାରିଥିଲେ । ବିପ୍ଳବ ରାୟ ଚୌଧୁରୀ ଓଡ଼ିଶାର ବିଭିନ୍ନ ସମସ୍ୟା ସହିତ ଜଡ଼ିତ କଥା ବସ୍ତୁକୁ ନେଇ ଚିତ୍ର ନିର୍ମାଣ କରିବାରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ୧୯୯୫ରେ ସୁଶାନ୍ତ ମିଶ୍ରଙ୍କ 'ଇନ୍ଦ୍ରଧନୁର ଛାଇ' ଜାତୀୟ ସ୍ତରରେ ସ୍ୱତନ୍ତ୍ର ସମ୍ମାନ ଲାଭ ପରେ ସୋଭିଏତ୍ ରୁଷ୍‌ର 'ସୂଚୀ ଫିଲ୍ମୋତ୍ସବ'ରେ ଶ୍ରେଷ୍ଠ ଚିତ୍ର ଭାବେ ସମ୍ମାନ ଲାଭ କରିଥିଲା । ୧୯୯୫-୯୬ରେ 'ମୋକ୍ଷ' ଶ୍ରେଷ୍ଠ ଆଞ୍ଚଳିକ ଚିତ୍ରଭାବେ ପୁରସ୍କୃତ ହୋଇଅଛି । ଚିତ୍ରଟିର ନିର୍ଦ୍ଦେଶକ ଗୌରୀଶଙ୍କର ଦାଶ ।

୭୧ ବର୍ଷର ଓଡ଼ିଆ ଚଳଚ୍ଚିତ୍ରରେ ଇତିହାସରେ ଅଣ ବୈଷୟିକ ଜ୍ଞାନ ପ୍ରାପ୍ତ ନିର୍ଦ୍ଦେଶକ ଯେଉଁମାନେ ନିଜର ଦକ୍ଷତା ଓ ଅଭିଜ୍ଞତା ବଳରେ ଚିତ୍ର କରି ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ, ତନ୍ମଧ୍ୟରେ ନିର୍ଦ୍ଦେଶକ ପ୍ରଣବ ଦାସ ଅନ୍ୟତମ । ତାଙ୍କ ନିର୍ଦ୍ଦେଶିତ ଚିତ୍ର 'ହାକିମ ବାବୁ' ଜାତୀୟ ସ୍ତରରେ ଏବଂ 'ଶ୍ରେଷ୍ଠ ପ୍ରତୀକ୍ଷା' ଓ 'ଅଗ୍ନି ସଂକେତ' ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଚିତ୍ର ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଲାଭ କରିଥିଲା । ଆନ୍ତର୍ଜାତୀୟ ଚିତ୍ର ବଜାରରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ 'ଭୁଖା', 'ଗିଜନ' ଫିଲ୍ମ ଉତ୍ସବରେ ଭିନ୍ନ ରୁଚିର ଭାଷାଭାଷୀ ଚିତ୍ର ଭାବେ ପୁରସ୍କୃତ ହୋଇଛି । ସମ୍ମାନିତ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଶାର ଦର୍ଶକମାନଙ୍କର ରୁଚିବୋଧ ନ ହେଉପଛେ ପୁରସ୍କାର ପାଇ ଆମ ଓଡ଼ିଆ ଚିତ୍ର ଗର୍ବିତ ।

୭୧ ବର୍ଷର ଓଡ଼ିଆ ଚିତ୍ରରେ ଦୁଇଟି ଶିଶୁ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ପ୍ରଥମଟି ସାଧୁ ମେହେରଙ୍କ 'ବାବୁଲା' ଓ ଦ୍ୱିତୀୟଟି ଅପୂର୍ବ କିଶୋର ବୀରଙ୍କ' 'ଲାବଣ୍ୟପ୍ରୀତି' । ଏହି ଦୁଇଟି ଚିତ୍ରର ପ୍ରଯୋଜକ ଭାରତୀୟ ଶିଶୁ ଚଳଚ୍ଚିତ୍ର ସମିତି 'ଲାବଣ୍ୟପ୍ରୀତି' (୧୯୯୩) ଓଡ଼ିଆ ଚିତ୍ର ସର୍ବଭାରତୀୟ ଶିଶୁ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ଚିତ୍ର ଭାବେ ପୁରସ୍କୃତ ହେବା ସହ ଆନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବରେ ମଧ୍ୟ ଏହା ଶ୍ରେଷ୍ଠ ଚିତ୍ର ଭାବେ ପ୍ରଶଂସିତ ହୋଇଥିଲା । ଏଥିରେ ଅଭିନୟ କରିଥିବା ଶିଶୁ ଅଭିନେତା ଶ୍ରୀମାନ୍ ତାରା ଶଙ୍କର ମିଶ୍ର, ଶ୍ରେଷ୍ଠ ଶିଶୁ ଅଭିନେତା ଭାବେ ଆନ୍ତର୍ଜାତୀୟ ସମ୍ମାନ ଲାଭ କରିଥିଲେ । ବୀରଙ୍କ 'ଲାବଣ୍ୟପ୍ରୀତି' ମଧ୍ୟ ଜାପାନରେ ଅନୁଷ୍ଠିତ ଦ୍ୱିତୀୟ ଏସିଆନ୍ ଟି.ଭି. ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା ଏବଂ ନିକଟରେ ଭି. ଶାନ୍ତାରାମ ପୁରସ୍କାର ମଧ୍ୟ ପାଇଛି । ବୀରଙ୍କ କାର୍ଯ୍ୟଦକ୍ଷତା ଚିତ୍ରଟିର ଗୁଣାତ୍ମକ ମାନବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଛି । ଯୁବ ନିର୍ଦ୍ଦେଶକ ଗଦାଧର ପୁଟିଙ୍କ ନିର୍ଦ୍ଦେଶିତ 'ପୂଜା ପାଇଁ ଫୁଲଟିଏ' ଚଳଚ୍ଚିତ୍ର ଶିଶୁ ମନସ୍ତାତ୍ତ୍ୱିକ ଚଳଚ୍ଚିତ୍ର ଭାବେ (୨୦୦୭) ମସିହାରେ ଦର୍ଶକମାନଙ୍କର ଆଦର ଲାଭ କରିଛି ।

୭୧ ବର୍ଷର ଓଡ଼ିଆ ଚିତ୍ରରେ ପ୍ରଥମ ଓଡ଼ିଆ ଅଭିନେତ୍ରୀ ମଞ୍ଜୁଳା କୁଅଁର ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ପ୍ରଫୁଲ୍ଲ ମହାନ୍ତିଙ୍କ 'ଭଙ୍ଗାସିଲଟ' ଚିତ୍ର ପାଇଁ ପୁରସ୍କୃତ ହେବା ସୌଭାଗ୍ୟର ବିଷୟ । ୨୦୦୭ ବର୍ଷରେ ସିନେ ଇଣ୍ଡିଆର ଆନ୍ତର୍ଜାତିକ ସିନେ-ଉତ୍ସବରେ ଇତି ସାମନ୍ତଙ୍କ ପ୍ରଯୋଜିତ ଓ ହିମାଂଶୁ ଖଟୁଆ ନିର୍ଦ୍ଦେଶିତ ଓଡ଼ିଆ ଚିତ୍ର 'କଥାନ୍ତର'ରେ ଅଭିନୟ ନିମନ୍ତେ ଅଭିନେତ୍ରୀ ଅନୁ ଚୌଧୁରୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହେବା ପ୍ରଥମ ଓଡ଼ିଆ ଅଭିନେତ୍ରୀ । ସେହିଭଳି ପ୍ରମାଣିକ ଚିତ୍ର କ୍ଷେତ୍ରରେ ଓଡ଼ିଆ ନିର୍ଦ୍ଦେଶକ ସ୍ୱର୍ଗତଃ ପ୍ରମୋଦ ପତିଙ୍କ ଅବଦାନ ଉଲ୍ଲେଖନୀୟ । ସ୍ୱର୍ଗତଃ ପତି ପ୍ରାମାଣିକ ଚଳଚ୍ଚିତ୍ର ପାଇଁ ବିଦେଶରେ ପ୍ରଥମ ଓଡ଼ିଆ ଭାବେ ସମ୍ମାନିତ ହୋଇଥିଲେ ।

୭୧ ବର୍ଷର ଓଡ଼ିଆ ଚଳଚ୍ଚିତ୍ରକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ଆଜି ମଧ୍ୟ ଷାଠିଏ ଦଶକର ଓଡ଼ିଆ ଚିତ୍ର 'ଶ୍ରୀଲୋକନାଥ', 'ମାଣିକଯୋଡ଼ି', 'ଅମଡ଼ାବାଟ', 'ଅଭିନେତ୍ରୀ', 'ମଲାଜହ୍ନ', 'କା', 'ଭାଇଭାଉଜ' ଆଦି ବିଶେଷ ଲୋକପ୍ରିୟତା ଅର୍ଜନ କରିପାରିଛି । ସେଇ ସମୟରେ ପଞ୍ଚସଖା ନାମରେ ମିଳିତ ପ୍ରଯୋଜନାରେ ପାଞ୍ଚଜଣ ପ୍ରଯୋଜକ ଯେଉଁ ନିଶାରେ ଓଡ଼ିଆ ଚିତ୍ର ସମୃଦ୍ଧି ପାଇଁ ପରିକଳ୍ପନା କରିଥିଲେ, ସେଥିରୁ ପରବର୍ତ୍ତୀ ସମୟରେ ଓହରିଯାଇ ଜନୈକ ପ୍ରଯୋଜକ ଅନ୍ୟ ଏକ ସଂସ୍ଥାର ଚିତ୍ର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କଲେ । ପ୍ରଯୋଜକ ହେବାରେ ତାଙ୍କର ଥିଲା ଅନେକଟା ସିଦ୍ଧହସ୍ତ ପଣିଆଁ । ଓଡ଼ିଆ ଚିତ୍ରରେ ସେଇ ଦିନଠାରୁ ପ୍ରଯୋଜକମାନଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହେଲା । ଗୁଜରାଟ ନିବାସୀ ବାବୁଲାଲ ଯୋଶୀଙ୍କ ଉଦ୍ୟମରେ 'ଛାୟାବାଣୀ' ପ୍ରତିଷ୍ଠାନର ଚିତ୍ରଗୁଡ଼ିକ ଗୋଟାକ ପରେ

ଗୋଟାଏ ସଫଳ ହେଉଥିବା ସେଇ ସଂସ୍ଥାର ସୁନାମ ଅନ୍ୟାନ୍ୟ ପ୍ରଯୋଜକମାନେ ଅନୁଭବ କଲେ । ପାର୍ବତୀ ଘୋଷ ପ୍ରଡ଼କସନ୍ ମଧ୍ୟ ଏକ ଶୃଙ୍ଖଳିତ ପ୍ରଯୋଜନା ସଂସ୍ଥା । ଓଡ଼ିଆ ଚଳଚ୍ଚିତ୍ରରେ ସମୂହ ଉନ୍ନତି ଦିଗରେ ଯେଉଁ ନିର୍ଦ୍ଦେଶକମାନଙ୍କ ଭୂମିକା ଦୃଷ୍ଟିକୁ ଆସେ ସେମାନଙ୍କ ମଧ୍ୟରେ ସ୍ୱର୍ଗତଃ ନିତାଇ ପାଲିତ୍ ଓ ବ୍ୟୋମକେଶ ତ୍ରିପାଠୀ ଅଗ୍ରଗଣ୍ୟ ।

ସତୁରୀ ଦଶକର ମଧ୍ୟ ଭାଗରେ 'ମମତା' ଚିତ୍ର ସଫଳ ବ୍ୟବସାୟିକ ଚିତ୍ର ଭାବେ ଆଦୃତ ହେଲା । ପରବର୍ତ୍ତୀ ଚିତ୍ର 'ସିନ୍ଦୂର ବିନ୍ଦୁ' ମଧ୍ୟ ନୂତନ ମୋଡ଼ ଓଡ଼ିଆ ଚିତ୍ର ପାଇଁ ଆଣିଦେଇଛି । ୧୯୭୬ରେ 'ଗପ ହେଲେବି ସତ' ପ୍ରଥମ ରଙ୍ଗୀନ ଚିତ୍ର ଓଡ଼ିଆ ଦର୍ଶକମାନଙ୍କ ମନରେ ଅନେକ ଦିନର ଆବେଗ ପୂରଣ କଲା । ପ୍ରଶାନ୍ତ ନନ୍ଦଙ୍କ ପ୍ରଥମ ଚିତ୍ର 'ଶେଷ ଶ୍ରାବଣ' ଆଗାମୀ ଦିନର ପ୍ରଯୋଜକମାନଙ୍କ ପାଇଁ ଆଶାର ଖୋରାକ ଯୋଗାଇଥିଲା । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପ୍ରଥମ ମହିଳା ନିର୍ଦ୍ଦେଶିକା ଭାବେ ପାର୍ବତୀ ଘୋଷ 'ଛ' ମାଣ ଆଠଗୁଣ୍ଠ' ଚିତ୍ରର ନିର୍ମାଣ କରିଥିଲେ ।

ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ଚଳଚ୍ଚିତ୍ର ଓ ସାଂସ୍କୃତିକ ମହୋତ୍ସବ-୨୦୦୭ର ଚେନ୍ନାଇଠାରେ ତାମିଲନାଡୁର ରାଜ୍ୟପାଳ ଶ୍ରୀ ସୁରଜିତ୍ ସିଂ ବର୍ଣ୍ଣାଲା ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନର ସଂପାଦକ ଦିଲ୍ଲୀପ୍ ହାଲିଙ୍କୁ ସମ୍ମାନିତ କରୁଛନ୍ତି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉପସ୍ଥିତ ଅଛନ୍ତି । ୨୬.୦୯.୦୭

ସତୁରୀ ଦଶକର ମଧ୍ୟଭାଗରେ ମାଡ୍ରାସ ଚିତ୍ର ନିର୍ମାତାମାନଙ୍କ ଚଳଚ୍ଚିତ୍ର 'ପୁନର୍ମିଳନ', 'ଏ ନୁହେଁ କାହାଣୀ', 'କୁଳଚନ୍ଦ୍ରମା', 'ପରିବାର', 'ଝିଲିମିଲି', 'ଜନ୍ମଦାତା', 'ପତିପତ୍ନୀ', 'ସତୀ ଅନୁସୟା' ଆଦି ଦର୍ଶକମାନଙ୍କୁ ବିଶେଷ ଆମୋଦିତ କରିଥିଲା । ମାଡ୍ରାସର ଚିତ୍ର ନିର୍ମାତାମାନେ ଓଡ଼ିଆ କଳାକାରମାନଙ୍କୁ ଅଭିନୟ ବାବଦକୁ ଆଶାତୀତ ଅର୍ଥ ପ୍ରଦାନ ଚିତ୍ର ଜଗତରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏଭଳି ସୁସ୍ଥ ପରମ୍ପରାକୁ ଲକ୍ଷ୍ୟ କରି ଓଡ଼ିଶାର ପ୍ରଯୋଜକମାନେ ହତୋତ୍ସାହିତ ହେଲେ । ଶେଷରେ ଏଥିନେଇ ବିବାଦ ଉପୁଜିଥିଲା । ଏପରି ବାତାବରଣ ଯୋଗୁଁ ମାଡ୍ରାସର ଚିତ୍ର ନିର୍ମାତାମାନେ ଆଉ ଚିତ୍ର କରିବାକୁ ମନ ବଳାଇଲେ ନାହିଁ । ସେବେଠୁଁ କଳାକାରମାନେ ଆର୍ଥିକ ଦିଗରେ ଏଯାବତ୍ ସୁସ୍ଥ ହୋଇପାରୁନାହାନ୍ତି । ଅଥଚ ମାଡ୍ରାସ, ବମ୍ବେର କୁକୁର, ମାଙ୍କଡ଼, ସାପ ଆଦି ଓଡ଼ିଆ ଚିତ୍ରରେ ଅଭିନୟ କରି ଓଡ଼ିଶାର କଳାକାରମାନଙ୍କଠାରୁ ପାରିଶ୍ରମିକ ବାବଦରେ ଅଧିକ ଅର୍ଥ ପାଇଥାଆନ୍ତି । ଅଣ ଓଡ଼ିଆ - ଓଡ଼ିଆ ମନାନ୍ତର ଯୋଗୁଁ ଓଡ଼ିଆ ଚିତ୍ର ଜଗତରେ ଶିଥିଳତା ଦେଖାଦେଲା । ୯୦ ଦଶକରେ ଓଡ଼ିଆ ପ୍ରଯୋଜକମାନେ ମାଡ୍ରାସ ଚିତ୍ରରୁ ଓଡ଼ିଆ ରୂପାନ୍ତରକୁ ଗୁରୁତ୍ୱ ଦେବା ଫଳରେ 'ନାଗପଞ୍ଚମୀ' ଚିତ୍ର କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟିକ ସଫଳତା ଲାଭ କରିପାରିଥିଲା ।

୭୦ ବର୍ଷର ସଂଗୀତ ଜଗତରେ କେତୋଟି ପୁରୁଣା ଚିତ୍ରକୁ ବାଦ ଦେଲେ ଅନ୍ୟାନ୍ୟ ଓଡ଼ିଆ ଚିତ୍ରର ଗୀତଗୁଡ଼ିକ ବ୍ୟବସାୟିକ କ୍ଷେତ୍ରରେ ସେପରି ଫଳପ୍ରଦ ହେଉନଥିଲା । ୧୯୭୫ ପରେ ମମତା, ଯାଯାବର, ଉଲକା, ସିନ୍ଦୂରବିନ୍ଦୁ, ଚିହ୍ନା ଅଚିହ୍ନା, ଆରତୀ, ସଉତୁଣୀ, ଶେଷ ଶ୍ରାବଣ, ସ୍ୱପ୍ନସାଗର ଆଦି ଚିତ୍ରର ଗୀତଗୁଡ଼ିକ ଆଜି ବି ଚଳଚ୍ଚିତ୍ର ଜଗତରେ ଶ୍ରୋତାମାନଙ୍କ ମନରେ ଛାପ ହୋଇ ରହିଛି । ଏହି ଚିତ୍ର ପରେ ଅନ୍ୟାନ୍ୟ ଯେତେଗୁଡ଼ିଏ ଚଳଚ୍ଚିତ୍ର ଏ ଯାବତ୍ ମୁକ୍ତି ପ୍ରାପ୍ତ ହୋଇଛି ସେସବୁର ଗୋଟିଏ କିମ୍ବା ଦୁଇଟି ଗୀତକୁ ଛାଡ଼ି ଦେଲେ ପ୍ରାୟତଃ ଗୀତ ଶ୍ରୋତାମାନଙ୍କ ମନରେ ସ୍ମରଣୀୟ ହୋଇ ରହୁନାହିଁ କି, ସେପରି ବ୍ୟବସାୟିକ ସଫଳତା ପାଇପାରୁନାହିଁ । ଓଡ଼ିଆ ଚିତ୍ରର ସଂଗୀତ କ୍ଷେତ୍ରରେ ଯଦି ବିଚାର କରାଯାଏ, ତାହାହେଲେ, ପୁରୁଣା ଗୀତର ଗୀତିକାର ଓ ସଂଗୀତ ନିର୍ଦ୍ଦେଶକମାନଙ୍କର ସ୍ୱର ସଂଯୋଜନା ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ସମୟରେ ଅଡ଼ିଓ କ୍ୟାସେଟର ପ୍ରସାର ନଥିଲା । ରେକର୍ଡ଼ ମାଧ୍ୟମରେ ଗୀତଗୁଡ଼ିକ ଶ୍ରୋତାମାନଙ୍କ କାନରେ ଯାହା ଶୁଣିବାକୁ ମିଳୁଥିଲା । ବର୍ତ୍ତମାନ ଅଡ଼ିଓ କ୍ୟାସେଟ୍‌ରେ ବହୁଳ ପ୍ରସାର ସାଙ୍ଗକୁ ଓଡ଼ିଆ ଚଳଚ୍ଚିତ୍ରରେ ହିନ୍ଦୀ ଚିତ୍ରର ଅନୁକରଣରେ ଗୀତଗୁଡ଼ିକର ଚାହିଦା ବୃଦ୍ଧି ପାଇଛି । ସଂଗୀତ ନିର୍ଦ୍ଦେଶକମାନେ ନିଜସ୍ୱ ରୁଚିବୋଧ ଉପରେ ସ୍ୱର କରୁନାହାନ୍ତି । ଫଳରେ ଗୀତଗୁଡ଼ିକରେ ସେପରି ପ୍ରଭାବ ନଥିବା ଯୋଗୁଁ ତାହା ଶ୍ରୋତାମାନଙ୍କ ମନରେ ଛାପ ହୋଇ ରହୁ ନାହିଁ ।

ଓଡ଼ିଆ ଚଳଚ୍ଚିତ୍ରରେ ଯେଉଁ ପରିମାଣରେ ବିକାଶ ଘଟିଛି, ଚଳଚ୍ଚିତ୍ର ସାମ୍ବାଦିକତାରେ ମଧ୍ୟ ସେଇ ପରିମାଣରେ ମାନବୃଦ୍ଧି ପାଇଛି । ଓଡ଼ିଆ ଚିତ୍ର ସାମ୍ବାଦିକତାକୁ ପେଷା କରିଥିବା ଆଙ୍ଗୁଠି ଗଣତି ସାମ୍ବାଦିକ ସାଲିସ୍ ନକରି ନିଜ ନିଜର ବକ୍ତବ୍ୟ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ କରିଥାନ୍ତି । ୧୯୪୨ ମସିହାରେ ପ୍ରଥମ ଚଳଚ୍ଚିତ୍ର ପତ୍ରିକା 'ଚିତ୍ରଲେଖା' ଲକ୍ଷ୍ମୀଧର ନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା । ୧୯୮୪ ମସିହାରେ 'ସିନେ ସମ୍ବାଦ' ଓଡ଼ିଆ ଚିତ୍ର ଜଗତରେ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେଲା ।

୭୧ ବର୍ଷରେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍‌ର ଭୂମିକା ଉଲ୍ଲେଖନୀୟ । ସରକାରଙ୍କୁ ଚଳଚ୍ଚିତ୍ର ସଂପର୍କରେ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇ କାର୍ଯ୍ୟ କରିବାରେ ସିନେକ୍ରିଟିକ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ୨୫ ବର୍ଷର ସରକାରୀ ସ୍ୱୀକୃତି ପ୍ରାପ୍ତ ସଂଗଠନ । ଏତଦ୍‌ବ୍ୟତୀତ ଓଡ଼ିଶାରେ ଟେକ୍‌ନିସିଆନ ସଂଘ, ପ୍ରଯୋଜକ ସଂଘ, ବିତରକ ସଂଘ ଓ କଳାକାର ସଂଘ ଅଛି । ଓଡ଼ିଆ ଚଳଚ୍ଚିତ୍ରରେ ଟେକ୍‌ନିସିଆନଙ୍କ ଆଗମନ ଫଳରେ ଓଡ଼ିଆ ଚିତ୍ର ଆତ୍ମନିର୍ଭରଶୀଳ ହୋଇଛି ସତ କିନ୍ତୁ ଆତ୍ମସନ୍ତୋଷ ପାଇବା ପାଇଁ ଆହୁରି ଅନେକ ଦିନ ବାକି ରହିଛି । ଓଡ଼ିଆ ଦର୍ଶକ ରୁଚିବୋଧର ଅନେକ ପରିବର୍ତ୍ତନ ଇତି ମଧ୍ୟରେ ଘଟିଛି । ଗଣମାଧ୍ୟମରେ ଦୃଢ଼ ଅଗ୍ରଗତି ଦର୍ଶକଙ୍କୁ ଖୋରାକ ଯୋଗାଇଛି । ଓଡ଼ିଆ ଚିତ୍ରକୁ ଯାହା କଲେ ଦର୍ଶକ ଗ୍ରହଣ କରିନେବେ ଏଭଳି ଚିନ୍ତାଧାରା ପ୍ରଯୋଜକ ନିର୍ଦ୍ଦେଶକ ତଥା ଟେକ୍‌ନିସିଆନମାନଙ୍କ ମନରେ ରହିବା ଉଚିତ୍ ନୁହେଁ । ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଓ ପ୍ରେକ୍ଷାଳୟର ବିକାଶ ଦିଗରେ ଉଦ୍ୟମ ଜାରି ରଖିଛି ।

ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର ଓ ସାଂସ୍କୃତିକ ମହୋତ୍ସବ ରାଜ୍ୟ ବାହାରେ ପ୍ରତିବର୍ଷ ହେବା ନିମନ୍ତେ ବ୍ୟବସ୍ଥା ହେଉଛି । ତଦ୍ୱାରା ଚଳଚ୍ଚିତ୍ର ପ୍ରଯୋଜକ ଓ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ରକ୍ଷା ହୋଇପାରୁଛି । ୨୦୦୩ରେ କେରଳ, ୨୦୦୫ରେ ଗୋଆ ଓ ୨୦୦୬ରେ ମୁମ୍ବାଇରେ, ୨୦୦୭ ବର୍ଷରେ ବାଙ୍ଗାଲୋର ଓ ତାମିଲନାଡୁଠାରେ ଏଭଳି ଉତ୍ସବର ଆୟୋଜନ ରାଜ୍ୟ ସରକାରଙ୍କର ଏକ ଉଲ୍ଲେଖନୀୟ ପଦକ୍ଷେପ ।

କଳିଙ୍ଗ ଷ୍ଟୁଡ଼ିଓରେ ପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା' ୧୯୮୨ ଜୁଲାଇ ୨୦ରେ ଶୁଭ ମହୁରତ୍ ଉତ୍ସବ ହୋଇଥିଲା । ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି । ଶୁଭ ମହୁରତ୍‌ରେ ବିଶିଷ୍ଟ କଳା ନିର୍ଦ୍ଦେଶକ ଅସୀମ ବସୁ ଏହାର ଶୁଭାରମ୍ଭ କରିଥିଲେ । ଷ୍ଟୁଡ଼ିଓ ହେଲା ପରେ ମାଡ୍ରାସ, ବମ୍ବେ ଯିବା କିଛିଦିନ ପାଇଁ ବନ୍ଦ ହେଲା ସତ କିନ୍ତୁ ଅନେକ ପ୍ରଯୋଜକ ଗୁଣାତ୍ମକ ମାନ ପାଇଁ ଏବେବି ବମ୍ବେ, ମାଡ୍ରାସ ଦୌଡ଼ ଅବ୍ୟାହତ ରଖିଛନ୍ତି । ଆଗାମୀ ଦିନରେ କଳିଙ୍ଗ ଷ୍ଟୁଡ଼ିଓର ରକ୍ଷଣାବେକ୍ଷଣ ପାଇଁ ସଚେତନତା ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ ମନେହୁଏ । ଓଡ଼ିଆ ଚଳଚ୍ଚିତ୍ର ପାଇଁ ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଡାଇନାମିକ୍ ଷ୍ଟୁଡ଼ିଓର କାର୍ଯ୍ୟଦକ୍ଷତା ଅତ୍ୟନ୍ତ ପ୍ରଶଂସନୀୟ । ସୁଧାଂଶୁ ରଥଙ୍କ ଉଦ୍ୟମ ସେ ଦିଗରେ ଗୁରୁତ୍ୱପୂର୍ଣ୍ଣ ।

ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ ସବୁସ୍ତରରେ ଅର୍ଥାତ୍ ସରକାରୀ ଓ ବେସରକାରୀ ଉଦ୍ୟମ ହେଉ ।

ବଡ଼ଗଡ଼
ଭୁବନେଶ୍ୱର-୧୮

ସାଧାରଣତନ୍ତ୍ର

ରତ୍ନାକର ରାଉତ

ମୋତେ ଯେଉଁ ନାମରେ ଡାକିବ ଡାକ
ମୋତେ ଯେଉଁ ଉପାଧି ଦେବ ଦିଅ
ତୁମ ମନକୁ ଯାହା ଛୁଉଁଛି
ସେହି ଭାବରେ ସମ୍ବୋଧନ କର
କିମ୍ବା ମୋ' ଶରୀରର ଆକୃତିକୁ ବର୍ଣ୍ଣନା କରି
ମୋର ଗୋଟେ ପରିଚୟ ସୃଷ୍ଟି କର
ଅଥବା ଘର, ଗାଡ଼ି, ରାସ୍ତାପରି
ମୋତେ କେଉଁ ଗୋଟେ ସଂଖ୍ୟାରେ ଚିହ୍ନଟ କର
ସେଥିରେ ମୋର କିଛି ଯାଏ ଆସେ ନାହିଁ
କାରଣ ମୁଁ ମୋର ପରିଚୟ ନୁହେଁ
ସେସବୁ ପରିଚୟ ମୋର ଏହି ଶରୀରର ।
ଅନେକ ଦିନ ବିଶ୍ରାମ ପରେ ମୁଁ ବାହୁଡ଼ିଛି
ଏବେ ଏହି ଶରୀରରେ ମୋର ଅବସ୍ଥାନ
ଭିନ୍ନ ଭିନ୍ନ କାର୍ଯ୍ୟରେ ଏବେ ବ୍ୟସ୍ତ ମୋ' ଶରୀର
ସୀମିତ ସମୟ ମଧ୍ୟରେ ଅସୁମାରି
ଅନୁଭବକୁ ଆଦରି ନେବାର ପ୍ରଲୋଭନ ତା'ର
ଗଳଦଘର୍ମ ଦଉଡ଼, ବସ୍ତୁର ମୋହରେ ସେ ମୁହ୍ୟମାଣ ।

ଅପେକ୍ଷାରେ ଅପେକ୍ଷାରେ ବିତୁଛି ମୋର ସମୟ
ସକଳ ଇନ୍ଦ୍ରିୟ ଉନ୍ମୁଖ, ଉଚ୍ଚାଟିତ
ଅନ୍ତର୍ମୁଖୀ ଚେତନାର ଅବବୋଧ ଭିତରେ
ସ୍ଥୂଳରୁ ସୂକ୍ଷ୍ମର ଅନୁଭବ କାହିଁ ?
ସବୁ ବିସ୍ମରି ଯାଇଛି ଏ ଶରୀର,
ମୁଁ କିଏ, କାହିଁକି ମୋର ଆଗମନ
ଏବଂ ଏହି କ୍ଷୟଶୀଳ ଶରୀରରେ ଅବସ୍ଥାନ ?
କେବେ ବାହାରୁ ଦୃଷ୍ଟି ପ୍ରସାରିତ ହେବ ଭିତରକୁ
ଅନେଇ ଅନେଇ ମୁଁ କ୍ଲାନ୍ତ ଓ ବିଷର୍ଣ୍ଣ ।
ଅନେକ ଥକି ପଡ଼ିଲିଣି
ଏବେ ବାହୁଡ଼ିଯିବା ଆସନ୍ନ, ବିଶ୍ରାମର ବେଳ
ଶରୀର ମ୍ରିୟମାଣ, ଜରାବ୍ୟାଧିରେ ଶୀର୍ଣ୍ଣ
ତଥାପି ଆଣ୍ଠୁ ଯାଉନି, ସେ ଲୋଡ଼ୁଛି
ନୂଆ ନୂଆ ଭାବ, ଅନୁଭବ
ସ୍ୱପ୍ନ ସରୁନି, ବିଭୋର କରୁଛି ସ୍ୱପ୍ନାଚ୍ଛନ୍ନ ମନ
କେବେ ସଫଳ ହେବ ଆମ ସାଧାରଣତନ୍ତ୍ର ?

କ୍ୱା.ନଂ.-୩ ଆର୍-୧୪/୨
ୟୁନିଟ୍-୪, ଭୁବନେଶ୍ୱର-୧